ତହସିଲଦାରଙ୍କ କାର୍ଯ୍ୟାଳୟ,
ବେଲଗୁଣ୍ଠା, ଗଞ୍ଜାମ
EMAIL –tah_Belaguntha@yahoo.in

OFFICE OF THE TAHASILDAR
BELLAGUNTHA, GANJAM
Ph – 06821-258112


ପତ୍ର ସଂ ୮୫୮ ତାରିଖ ୧୪.୦୨.୨୦୨୪

# ସର୍ବସାଧାରଣ ବିଜ୍ଞାପନ

ଏତଦ୍ୱାରା **ଧୂମୁଛାଇ** ମୌଜାର ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ **ଧୂମୁଛାଇ** ମୌଜାର ସରକାରୀ ଜମିକୁ ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗ **ସରକାରୀ ଉନ୍ନୀତ ନୋଡାଲ ଉଚ୍ଚ ବିଦ୍ୟାଳୟ, ଧୂମୁଛାଇ** ଙ୍କ ନାମେ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଅଛି । ଉକ୍ତ ଜମି **ରକ୍ଷିତ** ଖାତାରେ ରେକର୍ଡ ଥିବାରୁ ଉକ୍ତ ଜମି କିସମ କୁ **ଆବାଦ ଯୋଗ୍ୟ ଅନାବାଦୀ** ଖାତା କୁ ପରିବର୍ତ୍ତନ କରାଯିବା ପ୍ରସ୍ତାବ ଗୃହୀତ କରାଯାଇଛି ।

## ଜମିର ତଫସିଲ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ପ୍ରସ୍ତାବିତ ରକବା | କିସମ | ପ୍ରସ୍ତାବିତ ପରିବର୍ତ୍ତନ କିସମ |
|---|---|---|---|---|---|---|
| ଧୂମୁଛାଇ | ୨୧୮ | ୯,୧୦,୨୧,୨୨ | 0.୭୨୦ | 0.୭୨୦ | ରକ୍ଷିତ ଉନ୍ନତ ଯୋଜନା ଯୋଗ୍ୟ | ଆବାଦ ଯୋଗ୍ୟ ଅନାବାଦୀ ବିଦ୍ୟାଳୟ |

ଏହି ଉପରୋକ୍ତ ବନ୍ଦୋବସ୍ତ ସମ୍ବନ୍ଧେ **ରକ୍ଷିତ, ଉନ୍ନତ ଯୋଜନା ଯୋଗ୍ୟ** କିସମରୁ **ଆବାଦ ଯୋଗ୍ୟ ଅନାବାଦୀ, ବିଦ୍ୟାଳୟ** କିସମ ପରିବର୍ତ୍ତନ ପ୍ରସ୍ତାବରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର ଆପତ୍ତି, ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ଜାରି ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଭାବରେ ପ୍ରଦାନ କରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ସରକାରଙ୍କର ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ତହସିଲଦାର, ବେଲଗୁଣ୍ଠା

ଜ୍ଞାପକ ସଂ ୮୫୯/ତାରିଖ ୧୪.୦୨.୨୦୨୪

ଏହାର ଏକକତା ନକଲ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ଲଟକାଇବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକାକତା ନକଲ ରାଜସ୍ୱ ନିରୀକ୍ଷକ, **ବେଲଗୁଣ୍ଠାଙ୍କ** / କାର୍ଯ୍ୟନିର୍ବାହୀ ଅଧିକାରୀ, **ଧୂମୁଛାଇ** ଗ୍ରାମପଞ୍ଚାୟତଙ୍କ ନିକଟକୁ ପ୍ରେରଣ କରି ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଢେଣ୍ଡୁରା ଦ୍ୱାରା ପ୍ରଚାର କରାଯିବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ତହସିଲଦାର, ବେଲଗୁଣ୍ଠା

ଜ୍ଞାପକ ସଂ ୮୬୦/ତାରିଖ ୧୪.୦୨.୨୦୨୪

ଏହାର ଏକାକତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ ଅବଗତ ନିମନ୍ତେ ଏବଂ ଉକ୍ତ ବିଜ୍ଞାପନକୁ ଜିଲ୍ଲା ରାଷ୍ଟ୍ରିୟ ସୂଚନା ବିଜ୍ଞାନ ୱେବ ସାଇଟ ରେ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବେଲଗୁଣ୍ଠା